ଏମ୍. ସେଲଭାନାଥନ୍ ଏବଂ ଅନ୍ୟଜଣେ ଇତ୍ୟାଦି

*ବନାମ*

ନିବନ୍ଧକ, କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ,

ଚେନ୍ନାଇ ଏବଂ ଅନ୍ୟମାନେ ଇତ୍ୟାଦି

11 ଫେବୃଆରୀ, 2005

[ପ୍ରଧାନ ନ୍ୟାୟାଧୀଶ ଆର୍. ସି. ଲାହୋଟି, କେ. ଜି. ବାଲାକ୍ରିଷ୍ଣନ ଏବଂ ଜି. ପି. ମାଥୁର, ନ୍ୟାୟମୂର୍ତ୍ତିବୃନ୍ଦ]

*ସେବା ଆଇନ:*

*ସଂରକ୍ଷଣ - ପ୍ରବାସୀ ଅନୁସୂଚିତ ଜାତିର ପ୍ରାର୍ଥୀଙ୍କ ଦ୍ୱାରା କରାଯାଇଥିବା ଦାବି - ନିର୍ଣ୍ଣୟ କରାଯାଇଛି, ଦେୱାନୀ ଆବେଦନ ସଂଖ୍ୟା 6-7/1998* ଇତ୍ୟାଦି ରେ ପ୍ରଦତ୍ତ କାରଣଗୁଡ଼ିକ ପାଇଁ ଏହି ଆବେଦନଗୁଡ଼ିକୁ ଅନୁମତି ପ୍ରଦାନ କରାଯାଇଛି*

** ଏସ୍. ପୁଷ୍ପା ଏବଂ ଅନ୍ୟମାନେ* ବନାମ *ଶିବାଚନମୁଘାଭେଲ୍ଲୁ ଏବଂ ଅନ୍ୟମାନେ,* **[2005] 1 SCR 1158, କୁ ଉଲ୍ଲେଖ କରାଯାଇଛି ।**

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 1381-82/2004

1998 ର ଡବ୍ଲ୍ୟୁ. ପି. ସଂଖ୍ୟା 8279 ଏବଂ 8280 ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟର 29.1.2002 ର ରାୟ ଏବଂ ଆଦେଶରୁ ।

ଏବଂ

ସି. ଏ. ସଂଖ୍ୟା 1383/2004

ସି. ଏ. ସଂଖ୍ୟା 1381-82/2004 ରେ ଆବେଦନକାରୀଙ୍କ ପକ୍ଷରୁ ଭି. ପ୍ରଭାକର, ସି. ୟୁ. ସୁନନିଥନୀ, ଆର. ଏସ୍. କ୍ରିଷନ କୁମାର ଏବଂ ଏମ୍. କେ. ଡି. ନମ୍ବୁଦିରି ।

ସି. ଏ. ସଂଖ୍ୟା 1383/2004 ରେ ଆବେଦନକାରୀଙ୍କ ପକ୍ଷରୁ ଏସ୍. ଗୁରୁକୃଷ୍ଣ କୁମାର, କୁମାରୀ ଶ୍ରୀକଲା, ଜି. କେ. ଏବଂ ଏସ୍. ଆର୍. ସେଟିଆ ।

ଉତ୍ତରଦାତାମାନଙ୍କ ପକ୍ଷରୁ ଏମ୍. ଏନ୍. ରାଓ, ଭି. ଆର୍. ରେଡ୍ଡୀ, ଆର୍. ଭେଙ୍କଟରମଣି, ଟି. ଏସ୍. ଦୋଆବିୟା, ଏମ୍. ଏ. ଚିନ୍ନାସ୍ୱାମୀ, ଭି. ଜି. ପ୍ରଗସମ, ଭି. ବାଲଚନ୍ଦ୍ରନ, ନବୀନ, ଆର୍. ନାଥ, କୁମାରୀ ଲଳିତ ଜି. ମୋହିନୀ ଭଟ୍ଟ, କୁମାରୀ ହେତୁ ଅରୋରା, କୁମାରୀ ଅନିତା ଶେନୋୟ, ଅଶୋକ ପାଣିଗ୍ରାହୀ, ଭି. କେ. ବର୍ମା, ଏସ୍. ଏନ୍. ତେରଡାଲ ଏବଂ କୁମାରୀ ସୁନୀତା ଶର୍ମା ।

ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟାଧୀଶ ଜି. ପି. ମାଥୁର**ଙ୍କ ଦ୍ୱାରା । ଦେୱାନୀ ଆବେଦନ ସଂଖ୍ୟା 6-7/1998 ଏବଂ ଦେୱାନୀ ଆବେଦନ ସଂଖ୍ୟା 4-5/1998 ସହିତ ଏହି ଅପିଲଗୁଡ଼ିକରେ ସମ୍ପୃକ୍ତ ପ୍ରସଙ୍ଗ ସମାନ ଅଟେ । ଏହି ମାମଲାଗୁଡ଼ିକରେ, ଓ. ଏ. ସଂଖ୍ୟା 199/1996 ଏବଂ ଓ. ଏ. ସଂଖ୍ୟା 214/1996 ରେ 5.11.1996 ରେ ଦିଆଯାଇଥିବା ଏହାର ପୂର୍ବ ରାୟ ଏବଂ ଆଦେଶକୁ ଅନୁସରଣ କରି କେତେକ ଉତ୍ତରଦାତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ଓ.ଏ. କୁ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ ଅନୁମତି ଦେଇଥିଲେ ଏବଂ ଉକ୍ତ ଆଦେଶକୁ ଆପତ୍ତି କରି ଆବେଦନକାରୀମାନଙ୍କ ଦ୍ୱାରା ଦାଖଲ ହୋଇଥିବା ଆଜ୍ଞାଦେଶ ଆବେଦନକୁ ମାଡ୍ରାସ ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଇଥିଲେ ।

ଦେୱାନୀ ଆବେଦନ ସଂଖ୍ୟା 6-7/1998 ଆଦିରେ ପ୍ରଦତ୍ତ କାରଣଗୁଡ଼ିକ ପାଇଁ ଏହି ଅପିଲଗୁଡ଼ିକୁ ଅନୁମତି ପ୍ରଦାନ କରାଯାଇଛି ଏବଂ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ (ମାଡ୍ରାସ ବିଚାରପୀଠ) ର ଆକ୍ଷେପିତ ରାୟ ଏବଂ ଆଦେଶକୁ ବାତିଲ କରାଯାଇଛି ।

ଆର୍. ପି. ଆବେଦନଗୁଡ଼ିକୁ ଅନୁମତି ପ୍ରଦାନ କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ